## ସଂକ୍ଷେପରେ

### ୫ ଜୀବନ ନେଲା କରୋନା

**ଅନୁଗୋଳ ଅଫିସ, ୧୧।୮:** ଅନୁଗୋଳ ଜିଲାରୁ ବୁଧବାର ୨୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୩ ହଜାର ୫୮୪ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଣ୍ଡଁରପାଳ ବ୍ଲକରୁ ୫ ଜଣ, ଅନୁଗୋଳ ବ୍ଲକରୁ ୪ ଜଣ, ତାଳଚେର ବ୍ଲକରୁ ୪, ଅନୁଗୋଳ ପୌରାଞ୍ଚଳରୁ ୩, କଣିହାଁ ବ୍ଲକରୁ ୩, ଛେଣ୍ଡିପଦା ବ୍ଲକରୁ ୨ ଓ ଆଠମଲ୍ଲିକ ବ୍ଲକରୁ ୨ ଜଣ ରହିଛନ୍ତି। ସେହିପରି ଦିନକରେ ୭୬ ଜଣ ସୁସ୍ଥ ହୋଇଥିବାବେଳେ ଜିଲାରୁ ପୁଣି ୫ ଜଣଙ୍କ ମୁଣ୍ଡ ନେଇଛି କରୋନା। ଏହାକୁ ମିଶାଇ ମୋଟ୍ ମୃତକଙ୍କ ସଂଖ୍ୟା ୨୭୯ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ୩୫ ଶହ କେଜି ପୋଚ ନଷ୍ଟ

**ବଣ୍ଡା,୧୧।୮(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ବୁଦୁଲିମୁଣ୍ଡା ଗ୍ରାମ ନିକଟସ୍ଥ ଜଙ୍ଗଲରେ ବୁଧବାର ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୩୫ ଶହ କେଜି ମହୁଲ ପୋଚ ନଷ୍ଟ କରାଯାଇଛି। ଏଥିସହ ବହୁ ମଦ ରନ୍ଧା ସାମଗ୍ରୀ ଜବତ କରାଯାଇଛି। ଅବକାରୀ ବିଭାଗର ଏହି ଚଢ଼ାଉ ସମ୍ପର୍କରେ ଖବରପାଇ ମଦ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ବୁଦୁଲିମୁଣ୍ଡା ଗ୍ରାମରେ ବହୁ ପରିମାଣ ଦେଶୀ ମଦ ରନ୍ଧା ଯାଇ ବାହାରକୁ ଚାଲାଣ କରାଯାଉଥିବା ପୂର୍ବରୁ ବହୁବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ ହୋଇଥିବାବେଳେ ଅବକାରୀ ବିଭାଗ ଠିକ୍ ଭାବରେ ଚଢ଼ାଉ କରୁ ନ ଥିବା ନାକିଚି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ଶହୀଦ୍ ଖୁଦିରାମଙ୍କ ଫାଶୀ ଦିବସ

**ବଣ୍ଡା,୧୧।୮(ଡି.ଏନ.ଏ.):** କିଶୋରନଗର ବ୍ଲକ ଜଏରାଟଠାରେ ବୁଧବାର ଦିଗ୍‌ବଳୟ ସାଂସ୍କୃତିକ ମଞ୍ଚ ପକ୍ଷରୁ ଶହୀଦ ଖୁଦିରାମ ବୋଷଙ୍କ ଫାଶୀ ଦିବସ ପାଳିତ ହୋଇଯାଇଛି। ମଞ୍ଚ ଆବାହକ ଚିତ୍ତରଞ୍ଜନ ମେଣ୍ଡୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦିବସରେ ତୀର୍ଥବାସୀ ଭୋଇ ଯୋଗଦେଇ ଶହୀଦ ଖୁଦିରାମଙ୍କ ଫଟୋରେ ମାଲ୍ୟାର୍ପଣ କରିବା ସହ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ରବିନାରାୟଣ ବାରିକ ଯୋଗ ଦେଇଥିଲେ। ଏଥିରେ ଗ୍ରାମର ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଏସ୍‌ଡିପିଓଙ୍କ ଯୋଗଦାନ

**ଆଠମଲ୍ଲିକ,୧୧।୮(ଡି.ଏନ.ଏ.):** ଆଠମଲ୍ଲିକ ପୋଲିସ ବିଭାଗରେ ନୂତନ ଏସ୍‌ଡିପିଓ ଭାବେ ଚିନ୍ତାମଣି ପ୍ରଧାନ ବୁଧବାର ଯୋଗ ଦେଇଛନ୍ତି।



ଏହାପୂର୍ବରୁ ପ୍ରଧାନ ସମ୍ବଲପୁର ସଦର ଥାନାରେ କାର୍ଯ୍ୟରତ ଥିଲେ। ଆଠମଲ୍ଲିକର ବିଦାୟୀ ଏସ୍‌ଡିପିଓ ଭବାନୀଶଙ୍କର ଉଦ୍‌ଗାତାଠାରୁ ସେ ଦାୟିତ୍ୱ ନେଇଛନ୍ତି। ଉଦ୍‌ଗାତା ଏଠାରୁ ଅନୁଗୋଳ ଏସ୍‌ଡିପିଓ ଭାବେ ବଦଳି ହୋଇଛନ୍ତି। ଆଠମଲ୍ଲିକ ଉପଖଣ୍ଡର ଆଇନଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯିବ ବୋଲି ନୂତନ ଏସ୍‌ଡିପିଓ ପ୍ରଧାନ ପ୍ରକାଶ କରିଛନ୍ତି।

### କଳାପାଟଙ୍କ ଜୟନ୍ତୀ

**ବନ୍ତଳା,୧୧।୮(ଡି.ଏନ.ଏ.):** ଅନୁଗୋଳ ବ୍ଲକ ପୁରୁଣାଗଡ଼ର ଐତିହାସିକ ଶକ୍ତିପୀଠ ତୁମୁଣୀ ମା' କଳାପାଟଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଛି। ପ୍ରଥମେ ମା' କଳାପାଟଙ୍କ ପୂଜାର୍ଚ୍ଚନା ଓ ରୀତିନୀତି କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମା'ଙ୍କ ମଶାଲ ମନ୍ଦିର ଚାରିପାଖରେ ପରିକ୍ରମା କରାଯାଇ ମହାରାଜଙ୍କ ସୋମନାଥ ସିଂହ ଜଗଦ୍ଦେବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ମହାରାଜ ସୋମନାଥ ଜଗଦ୍ଦେବଙ୍କ ତ୍ୟାଗ ଓ ବଳିଦାନ ତଥା ତାଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା। ରାଜପୁରୋଧା କାଶୀନାଥ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜପୁତ୍ରବଧୂ ସୀତାଦେଈଙ୍କ ବଂଶଜ ଦୀପକ କୁମାର ମହୀନ୍ଦ୍ର ଜଗଦେବ, ସେନାପତି ସିନ୍ଧୁ ଗଡ଼ନାୟକ, ବିପ୍ର ଗଡ଼ନାୟକ, ବଡ଼କେରା ସରପଞ୍ଚ ବିଜୟ ଲକ୍ଷ୍ମୀ ପଟ୍ଟନାୟକ, ତୁମୁଣୀ ଗ୍ରାମ୍ୟ ସମ୍ପାଦକ ଅଟଳ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

### ରକ୍ତଦାନ ଶିବିର ନିଷ୍ପତ୍ତି

**ମାଧପୁର,୧୧।୮:** ଆଠମଲ୍ଲିକ ବ୍ଲକ କିଆକଟା ଆଞ୍ଚଳିକ ସେବା ସଂସଦ ତରଫରୁ ତ୍ରିବେଣୀ ଛକ ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ସୁମନ୍ତ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଆଗାମୀ ୧୫ ତାରିଖ ସ୍ୱାଧୀନତା ଦିବସ ଅବସରରେ ଆଠମଲ୍ଲିକ ବ୍ଲଡ୍ ବ୍ୟାଙ୍କ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଂସଦ ତରଫରୁ ଆୟୋଜନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂସଦ ସମ୍ପାଦକ ସୁମନ୍ତ ପ୍ରଧାନ, କୋଷାଧ୍ୟକ୍ଷ ପ୍ରତାପ କର୍ଣ୍ଣ, ସତ୍ୟଜିତ ମହାନ୍ତି, ଶ୍ୟାମଘନ କଅଁର ପ୍ରମୁଖ ଉପସ୍ଥିତ ଥିଲେ।

# ଅସାମାଜିକ ଜମାଇଲେଣି ଆଡ୍ଡା

**ଅନୁଗୋଳ ଅଫିସ, ୧୧।୮**

- ଜନସାଧାରଣଙ୍କ ପାଇଁ ସୁରକ୍ଷିତ ନୁହେଁ ଡେରଜାଙ୍ଗ ଡ୍ୟାମ୍
- ଲୋକଙ୍କ ଠାରୁ ଛଡ଼ାଇ ନିଆଯାଉଛି ଟଙ୍କା, ମୋବାଇଲ
- ଆପରାଧିକ କାର୍ଯ୍ୟ ପାଇଁ ପ୍ରସ୍ତୁତ ହେଉଛି ଯୋଜନା

ସକାଳୁ ସଞ୍ଜ ଯାଏ ଅସାମାଜିକ କରୁଛନ୍ତି ଉତ୍ପାତ। ଡ୍ୟାମ୍ ଆଡ଼େ ବୁଲିଯାଇଥିବା ଲୋକଙ୍କଠାରୁ ଛଡ଼ାଇ ନେଉଛନ୍ତି ଟଙ୍କା ଓ ମୋବାଇଲ। ନିରୋଳା ହେଉଥିବାରୁ ଏଠାରେ ଘଣ୍ଟା ଘଣ୍ଟା ବସି ନିଶା ସେବନ କରୁଛନ୍ତି। ଆପରାଧିକ କାର୍ଯ୍ୟ ପାଇଁ ଯୋଜନା ଚଳାଉଛନ୍ତି। ନିଷିଦ୍ଧାଞ୍ଚଳ ମଧ୍ୟରେ ପ୍ରବେଶ କରି ଡ୍ୟାମ୍ ପ୍ରତି ବିପଦ ବଢ଼ାଉଛନ୍ତି। ଦ୍ରୁତଗତିରେ ଗାଡ଼ି ଚାଳନା କରି ଦୁର୍ଘଟଣା ଘଟାଉଛନ୍ତି। ଅନୁଗୋଳ ସହର ନିକଟରେ ଥିବା ଡେରଜାଙ୍ଗ ଡ୍ୟାମ୍ ବନ୍ଧରେ ଅସାମାଜିକମାନେ ଏପରି ଆଡ୍ଡା ଜମାଉଥିଲେ ମଧ୍ୟ ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ଜନସାଧାରଣଙ୍କ ପାଇଁ ଡ୍ୟାମ୍ ଅଞ୍ଚଳ ଏକପ୍ରକାର ଅସୁରକ୍ଷିତ ହୋଇପଡ଼ିଥିବା ସହରବାସୀ ଅଭିଯୋଗ କରୁଛନ୍ତି।

ଡେରଜାଙ୍ଗ ଡ୍ୟାମ୍ ଅନୁଗୋଳର ଏକ ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଗଣିତ ହେଉଛି। ଏଠାକାର ସ୍ୱଚ୍ଛ ଓ ସୁନ୍ଦର ପରିବେଶ ସହର ଏବଂ ଆଖପାଖ ଅଞ୍ଚଳବାସୀଙ୍କ ପାଇଁ ସର୍ବଦା ଆକର୍ଷଣ ହୋଇ ରହିଛି। ବିଶେଷକରି ଅପରାହ୍ନ ସମୟରେ ସହରର ବିଭିନ୍ନ ଅଞ୍ଚଳରୁ ଲୋକେ ଡ୍ୟାମ୍ ନିକଟକୁ ଭ୍ରମଣରେ



ଅନୁଗୋଳ ସହର ନିକଟରେ ଥିବା ଡେରଜାଙ୍ଗ ଡ୍ୟାମ୍।

ଯାଇଥାନ୍ତି। ଥଣ୍ଡା ପବନ ପାଇବାକୁ ସେଠାରେ କିଛି ସମୟ କଟାଇଥାନ୍ତି। ଖରାଦିନେ ପର୍ଯ୍ୟଟକମାନେ ଏଠାକୁ ଧାଇଁଆସନ୍ତି। କିନ୍ତୁ ଆବଶ୍ୟକ ସୁରକ୍ଷା ଅଭାବରୁ ଏହି ଅଞ୍ଚଳ ଏବେ ଅସାମାଜିକଙ୍କ କବଳକୁ ଚାଲିଗଲାଣି। ଏପରିକି ନିଷିଦ୍ଧାଞ୍ଚଳ ମଧ୍ୟକୁ ଅସାମାଜିକମାନେ ବିନା ବାଧାରେ ପ୍ରବେଶ କରିଯାଉଛନ୍ତି। ବିଳମ୍ବିତ ରାତିଯାଏ ସେଠାରେ ବସି ନିଶା ସେବନ କରୁଛନ୍ତି। ବିଭିନ୍ନ ସମୟରେ ଗଣ୍ଡଗୋଳ କରୁଛନ୍ତି। ଡ୍ୟାମ୍ ପାର୍ଶ୍ୱରେ ଲାଗିଥିବା ଲାଇଟ୍‌ଗୁଡ଼ିକୁ ଚୋରିକରିନେଉଛନ୍ତି। ଅତୀତରେ ଏଠାରେ ବଳାତ୍କାର ଭଳି ଅଘଟଣ ଘଟିଥିଲା। ୨୦୧୮ରେ ପେଟ୍ରୋଲ ପମ୍ପ ଲୁଟ୍ ପାଇଁ ଯୋଜନା କରୁଥିବା ଦୁର୍ଦ୍ଦାନ୍ତ ଅପରାଧୀ ବିଲୁ ଖାଁକୁ ପୋଲିସ ଏନ୍‌କାଉଣ୍ଟର କରି ଗୁରୁତର କରିଥିଲା। ଗତ ସପ୍ତାହରେ ଏଠାରେ ସିରିଜ ଦୁର୍ଘଟଣା ଘଟାଯାଇଥିଲା। ଭ୍ରମଣରେ ଯାଇଥିବା ରନ୍ତଲେଇ ଅଞ୍ଚଳର ଦୁଇ ଜଣ ଯୁବକଙ୍କୁ ମାଡ଼ ମରାଯାଇ ମୋବାଇଲ ଓ ଟଙ୍କା ଛଡ଼ାଇ ନିଆଯାଇଥିଲା। ବାରମ୍ବାର ଏଠାରେ ଅପରାଧ ଘଟାଯାଉଥିଲେ ମଧ୍ୟ ପୋଲିସ ପକ୍ଷରୁ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଉ ନାହିଁ। ଏହି କାରଣରୁ ଅସାମାଜିକମାନେ ବିନା ବାଧାରେ ଏଠାରେ ଚଳପ୍ରଚଳ ହେଉଥିବା ସହରବାସୀ କହିଛନ୍ତି। ଏ ସମ୍ପର୍କରେ ଜିଲାର ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ଡ୍ୟାମ୍ ଅଞ୍ଚଳରେ ପାଟ୍ରୋଲିଂ କରାଯାଉଛି। କିନ୍ତୁ ନିଷିଦ୍ଧାଞ୍ଚଳକୁ କିଏ ଯାଉଛି ଓ କ'ଣ କରୁଛି, ତାହା ଦେଖିବା ପୋଲିସର କାର୍ଯ୍ୟ ନୁହେଁ। ତେବେ ହେଉଥିବା ଅଭିଯୋଗ ଉପରେ ପୋଲିସ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ସମ୍ପୃକ୍ତ ଅଧିକାରୀ ପ୍ରକାଶ କରିଛନ୍ତି।

#### ପାଦେ ପାଦେ ବିପଦ



"ଡେରଜାଙ୍ଗ ଡ୍ୟାମ୍ ନିକଟକୁ ବୁଲିବାକୁ ଯିବା ବିପଦକୁ ବରଣ କରିବା ଭଳି ହେବ। ଆସାମାଜିକଙ୍କ ଆତଯାତ ଥିବାରୁ ପାଦେ ପାଦେ ବିପଦ ରହିଛି। ପୋଲିସ ପକ୍ଷରୁ ନିୟମିତ ଚଢ଼ାଉ କରାଯାଇ ସେମାନଙ୍କୁ ସାବାଡ୍ କରାଯିବା ଆବଶ୍ୟକ। ଏହା ନ ହେଲେ ଉକ୍ତ ମନୋରମ ପରିବେଶ ଅସାମାଜିକମୟ ହୋଇଯିବ।

-ହ୍ରିତିକା ମିଶ୍ର, ଅନୁଗୋଳ

#### ହୁଗୁଳା ସୁରକ୍ଷା ବ୍ୟବସ୍ଥା



"ହୁଗୁଳା ସୁରକ୍ଷା ବ୍ୟବସ୍ଥାରୁ ଏପରି ପରିସ୍ଥିତି ଉପୁଜିଛି। ଡ୍ୟାମ୍ ଅଞ୍ଚଳରେ ଖୋଲାଖୋଲି ନିଶା କାରବାର ଚାଲୁଛି। କିନ୍ତୁ ବାରଣ କରିବାକୁ କେହି ନାହାନ୍ତି। ଫଳରେ ସେଠାରେ ଆପରାଧିକ କାର୍ଯ୍ୟକଳାପ ବଢ଼ିବା ସହ ବିଭିନ୍ନ ସମୟରେ ବିଶୃଙ୍ଖଳା ଦେଖାଦେଉଛି। ପ୍ରତିକାର ନ ହେଲେ ଲୋକମାନେ ସେଠାକୁ ଯିବାକୁ ଭୟ କରିବେ।

-ଦିବ୍ୟରଞ୍ଜନ ଦାସ, ଅନୁଗୋଳ

#### ଡ୍ୟାମ୍ ସୁରକ୍ଷା ନେଇ ପ୍ରଶ୍ନବାଚୀ



"ଅସାମାଜିକମାନେ ନିଷିଦ୍ଧାଞ୍ଚଳ ମଧ୍ୟକୁ ପ୍ରବେଶ କରୁଥିବାରୁ ଡେରଜାଙ୍ଗ ଡ୍ୟାମ୍ ସୁରକ୍ଷା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। କେଉଁ ସମୟରେ ଯଦି କିଛି ଅଘଟଣ ଘଟେ, ସେଥିପାଇଁ କିଏ ଦାୟୀ ରହିବେ। ଡ୍ୟାମ୍ ଅନୁଗୋଳର ଗୌରବ ହୋଇଥିବାରୁ ଏହାର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ଆବଶ୍ୟକ।

-ପ୍ରିୟଙ୍କା ନାୟକ, ଅନୁଗୋଳ

#### ପର୍ଯ୍ୟଟକ ମୁହଁ ଫେରାଉଛନ୍ତି



"ଅସାମାଜିକମାନେ ଏଠାରେ ନିଶାପାନ କରୁଛନ୍ତି। ଡ୍ୟାମ୍ ରାସ୍ତାରେ ଯୁବଗୋଷ୍ଠୀ ବାଇକ୍ ରେସିଂ କରୁଛନ୍ତି। ତେଣୁ ବିପଦ ବଢ଼ୁଥିବା ଅନୁମାନ କରି ଅନୁଗୋଳର ପର୍ଯ୍ୟଟନସ୍ଥଳୀ ଭାବେ ଗଣାଯାଉଥିବା ଏହି ଡ୍ୟାମ୍‌ରୁ ପର୍ଯ୍ୟଟକମାନେ ଧୀରେ ଧୀରେ ମୁହଁ ଫେରାଇ ନେଉଛନ୍ତି। ଏଭଳି ଘଟଣା ଆଦୌ ଶୁଭ ସଙ୍କେତ ଦେଉନାହିଁ।

-ଲିଙ୍କନ ସିଂହ, ଅନୁଗୋଳ

## ଉଚ୍ଛେଦ ହେଲା ଫଟୋ ଷ୍ଟୁଡିଓ



**ଅନୁଗୋଳ ଅଫିସ, ୧୧।୮**

ଅନୁଗୋଳ ପୌରାଞ୍ଚଳର ଗୋପବନ୍ଧୁ ପାର୍କ ନିକଟରେ ଥିବା ଏକ ଫଟୋ ଷ୍ଟୁଡିଓକୁ ବୁଧବାର ପୌରପାଳିକା ପକ୍ଷରୁ ଉଚ୍ଛେଦ କରାଯାଇଛି। ହେଲ୍‌ଥ କରିଡର ପାଇଁ ଏହି ଷ୍ଟୁଡିଓ ହଟାଇବାକୁ ବାରମ୍ବାର ନୋଟିସ ଦିଆଯାଇଥିଲେ ମଧ୍ୟ ଷ୍ଟୁଡିଓ ମାଲିକ ଶୁଣି ନ ଥିଲେ। ତେଣୁ ବୁଲଡୋଜର ଲଗାଯାଇ ଉଚ୍ଛେଦ କରାଯାଇଥିବା ପୌରପାଳିକା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପ୍ରକାଶ ଯେ, ପୌରପାଳିକା ପକ୍ଷରୁ ଉକ୍ତ ଗୃହକୁ ଓମ୍‌ଫେଡ୍ ପାର୍ଲର ଓ ସ୍ନାକ୍ସ ବାର୍ ନିମନ୍ତେ ପ୍ରଦାନ କରାଯାଇଥିଲା। କିନ୍ତୁ ଜଣେ ବ୍ୟକ୍ତି ସେଠାରେ ଫଟୋ ଷ୍ଟୁଡିଓ କରିଥିଲେ। ହେଲ୍‌ଥ କରିଡର ପାଇଁ ଏହା ସମସ୍ୟା ସୃଷ୍ଟି କରିବ ବୋଲି ପ୍ରଶାସନ ହୃଦ୍‌ବୋଧ କରିବା ପରେ ଉଚ୍ଛେଦ ପାଇଁ ନୋଟିସ ପ୍ରଦାନ କରାଯାଇଥିଲା। କିନ୍ତୁ ସମ୍ପୃକ୍ତ ବ୍ୟକ୍ତି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ସ୍ଥାନୀୟ ଅଧିକାରୀ ଏ ନେଇ ନିଷ୍ପତ୍ତି ନେବେ ବୋଲି ନ୍ୟାୟାଳୟ କହିବା ପରେ ଗୃହ ଉଚ୍ଛେଦ ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେଇଥିଲା। କିନ୍ତୁ ବ୍ୟକ୍ତିଜଣକ ଗୃହ ହସ୍ତାନ୍ତର ନ କରିବାରୁ ବୁଧବାର ମାଜିଷ୍ଟ୍ରେଟ ଦୋଳଗୋବିନ୍ଦ ସାହୁ, ପୌରନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଅନୁଗୋଳ ପୋଲିସ ଓ ପୌର କର୍ମଚାରୀଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଇଥିଲା। ପୌର ନିର୍ବାହୀ ଅଧିକାରୀ ମଲ୍ଲିକ କହିଛନ୍ତି, ହେଲ୍‌ଥ କରିଡର ଯାଉଥିବାରୁ ଉକ୍ତ ସ୍ଥାନରେ ଥିବା ଷ୍ଟୁଡିଓକୁ ଉଚ୍ଛେଦ କରାଯାଇଛି।

## ଜୟନ୍ତୀରେ ମହାରାଜାଙ୍କୁ ଶ୍ରଦ୍ଧାଞ୍ଜଳି



ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତି କମିଟିର କର୍ମକର୍ତ୍ତାମାନେ।

**ଅନୁଗୋଳ ଅଫିସ, ୧୧।୮**

ଅନୁଗୋଳର ମହାରାଜା ସୋମନାଥ ସିଂହ ଜଗଦ୍ଦେବଙ୍କ ଜୟନ୍ତୀ ବୁଧବାର ନିରାଡ଼ମ୍ବର ଭାବେ ପାଳିତ ହୋଇଯାଇଛି। ସୋମନାଥ ସିଂହ ଜଗଦ୍ଦେବ ସ୍ମୃତି କମିଟି ଓ ଅନୁଗୋଳ ପୌରପାଳିକାର ମିଳିତ ଆନୁକୂଲ୍ୟରେ ଏହା ପାଳନ କରାଯାଇଛି। ରାଜାଛକ ସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ଅନୁଗୋଳ ଓ ତାଳଚେର ରାଜାଙ୍କ ରାଜଗୁରୁ ଗୋବିନ୍ଦ ରାଜଗୁରୁଙ୍କ ନେତୃତ୍ୱରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସ୍ମୃତି କମିଟି ସଭାପତି ରାଜା ରୁଦ୍ରନାରାୟଣ ସିଂହ ମହେନ୍ଦ୍ର ଜଗଦ୍ଦେବ, ଉପସଭାପତି ତଥା ପୂର୍ବତନ ପ୍ରଶାସକ ହେମନ୍ତ କୁମାର ଦାଶ, କମିଟି ସଂଯୋଜକ ତଥା ପୂର୍ବତନ ପ୍ରଶାସକ ଡକ୍ଟର ଧରଣୀଧର ନାଥ, କମିଟ ସଦସ୍ୟ ସ୍ନେହଲତା ସିଂହସାମନ୍ତ, କମିଟି ପ୍ରତିଷ୍ଠାତା ସମ୍ପାଦକ ବନବିହାରୀ ପଟ୍ଟନାୟକ ଓ କୋଷାଧ୍ୟକ୍ଷ ହେମନ୍ତ କୁମାର ଦାଶ ଉପସ୍ଥିତ ଥିଲେ। ଏହି ଅବସରରେ ୨୦୨୦-୨୧ ବର୍ଷରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଗୋବିନ୍ଦ ରାଜଗୁରୁଙ୍କ 'ସ୍ୱର୍ଗରେ ଚହଳ' ପୁସ୍ତକକୁ ଉନ୍ମୋଚନ କରାଯାଇଥିଲା। ବିଭୂତି ଭୂଷଣ ମହାପାତ୍ର, ବିଶ୍ୱରଞ୍ଜନ ପ୍ରଧାନ, ଗୀତାମୟୀ ମହାପାତ୍ର, ପଣ୍ଡିତ ହଳଧର ରାଜଗୁରୁ, ପ୍ରଭାସ ସାହୁ, ଦାମୋଦର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସମାଜସେବାରେ ସାମିଲ ହେବାକୁ ପରାମର୍ଶ

**ବନ୍ତଳା,୧୧।୮(ଡି.ଏନ.ଏ.)**

ନେହେରୁ ଯୁବକେନ୍ଦ୍ରର ଜିଲା ବାର୍ଷିକ ପରାମର୍ଶଦାତା କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ୨୦୨୧-୨୦୨୨ ବାର୍ଷିକ ଯୋଜନାର ବିବରଣୀ ଉପସ୍ଥାପନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଶତପଥୀ ଏହି ଅବସରରେ ଯୁବକମାନଙ୍କୁ ନିଜର ଦାୟିତ୍ୱବୋଧକୁ ସମାଜସେବା କ୍ଷେତ୍ରରେ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ। ନେହେରୁ ଯୁବ କେନ୍ଦ୍ରର ଅନୁଗୋଳ ଜିଲା ସଂଯୋଜକ ପ୍ରଦୀପ କୁମାର ଜିଲାର ସମସ୍ତ ବ୍ଲକର ଯୁବକମାନଙ୍କ ଉନ୍ନତି ଉପରେ ଆଲୋଚନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ, ବିଭିନ୍ନ କ୍ଲବର ସଭାପତି, ସ୍ୱେଚ୍ଛାସେବୀ, କମିଟି ସଦସ୍ୟ ଉପସ୍ଥିତ ଥିଲେ। ବୈଠକରେ ସୁଶୀଲ କୁମାର ସାହୁ, ତାପସ ସାହୁ, ସୁଶାନ୍ତ ଦାସ ଯୋଗ ଦେଇଥିଲେ। ତପନ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ।

## ୬ ଘଣ୍ଟା ଅଟକିଲା ଅଳିଆ ଗାଡ଼ି

**ଅନୁଗୋଳ ଅଫିସ, ୧୧।୮**

ଅନୁଗୋଳ ପୌର ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ପୂରଣ କରି ନ ଥିବାରୁ ବୁଧବାର ଡମ୍ପିଂୟାର୍ଡକୁ ଯାଉଥିବା ୫ଟି ଅଳିଆ ବୋଝେଇ ଗାଡ଼ିକୁ ନୂଆମୌଜା

### ବୁଝାଶୁଝା ପରେ ଛାଡ଼ିଲେ ଲୋକେ

ପଞ୍ଚାୟତର ମହିଳାମାନେ ଦୀର୍ଘ ୬ ଘଣ୍ଟା ଧରି ଅଟକାଇଥିଲେ। ଖବରପାଇ ପୌର ପ୍ରଶାସନ ଓ ରାଜସ୍ୱ ବିଭାଗ ଅଧିକାରୀମାନେ ପହଞ୍ଚି ଲୋକଙ୍କ ଦାବି ପୂରଣ ଦିଗରେ ପଦକ୍ଷେପ ନେବା ପରେ ମହିଳାମାନେ ପଞ୍ଚମହଲା ନିକଟରେ ହୋଇଥିବା ଡମ୍ପିଂୟାର୍ଡକୁ ଯିବାକୁ ଗାଡ଼ିଗୁଡ଼ିକୁ ଛାଡ଼ିଦେଇଥିଲେ।

ପ୍ରକାଶ ଯେ, ଗତବର୍ଷ ଡମ୍ପିଂୟାର୍ଡକୁ ନେଇ ସମସ୍ୟା ଦେଖାଦେଇଥିଲା। ସହର ଅଳିଆ ଡମ୍ପିଂୟାର୍ଡକୁ ନେଇ ଯାଉଥିବା ଗାଡ଼ିଗୁଡ଼ିକୁ ନୂଆମୌଜା ପଞ୍ଚାୟତର ଲୋକମାନେ ବିରୋଧ କରିଥିଲେ। ରାସ୍ତା ନିର୍ମାଣ ସହ ଡମ୍ପିଂୟାର୍ଡ୍‌ରେ ପାଚେରି,



ପଞ୍ଚାୟତର ମହିଳାମାନଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଡ୍ରେନ୍ ଓ ପଞ୍ଚାୟତ ଗୃହ ପାଇଁ ଜାଗା ଦେବାକୁ ସେମାନେ ପ୍ରଶାସନ ନିକଟରେ ଦାବି କରିଥିଲେ। ଏ ନେଇ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ଅଧ୍ୟକ୍ଷତାରେ ବୈଠକ କରାଯାଇ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପୌର କର୍ତ୍ତୃପକ୍ଷ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ହେଲେ ବର୍ଷକ ମଧ୍ୟରେ ରାସ୍ତା, ଡ୍ରେନ୍ ବ୍ୟବସ୍ଥା ହୋଇଥିବାବେଳେ ଡମ୍ପିଂୟାର୍ଡ ପାଚେରି ଓ ନୂଆମୌଜା ପଞ୍ଚାୟତ ଘର ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରାଯାଇ ନ ଥିଲା। ପ୍ରଶାସନ ପ୍ରତିଶ୍ରୁତି ରଖି ନ ଥିବା ଅଭିଯୋଗ କରି ପଞ୍ଚାୟତର ମହିଳାମାନେ ଅଳିଆ ଗାଡ଼ିଗୁଡ଼ିକୁ ଅଟକାଇଥିଲେ। ପରେ ଉପଜିଲାପାଳ ପୌର ପ୍ରଶାସନ ଓ ରାଜସ୍ୱ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି ପଞ୍ଚାୟତ ଘର ପାଇଁ ସ୍ଥାନ ଚିହ୍ନଟ ଓ ପାଚେରି ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ତହସିଲଦାର ବିମଳ ଲେଙ୍କା, ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ପହଞ୍ଚି ୧୫ ଦିନ ମଧ୍ୟରେ ପାଚେରି ନିର୍ମାଣ କରାଯିବ ବୋଲି କହିଥିଲେ। ପଞ୍ଚାୟତ ଗୃହ ପାଇଁ ପଞ୍ଚମହଲା ଆର୍‌ଆଇ ସ୍ଥାନ ଚିହ୍ନଟ କରିଥିଲେ। ପରେ ରାସ୍ତା ରୋକୋ ପ୍ରତ୍ୟାହୃତ ହୋଇଥିଲା। ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ଲୋକଙ୍କ ଦାବି ପୂରଣ କରାଯିବ ବୋଲି କୁହାଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

## ବାଇକ୍ ଚୋରି ଗ୍ୟାଙ୍ଗ୍‌ର ୨ ସଦସ୍ୟ ଗିରଫ



ଜବତ ବାଇକ୍ ସହ ଗିରଫ ୨ ଲୁଟେରାଙ୍କୁ ଅନୁଗୋଳ ପୋଲିସ ହାଜର କରାଇଛି।

**ଅନୁଗୋଳ ଅଫିସ, ୧୧।୮**

ଅନୁଗୋଳ ସହର ଓ ଉପକଣ୍ଠ ଅଞ୍ଚଳରୁ ବାଇକ୍ ଚୋରି କରି ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ଏକ ଗ୍ୟାଙ୍ଗର ଦୁଇ ସଦସ୍ୟଙ୍କୁ ଅନୁଗୋଳ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ ଏସ୍‌ଆଇ ଅବଦୁଲ ୱାସିମ୍ ଖାନ୍ ଗିରଫ କରିଛନ୍ତି। ଦୁଇ ଲୁଟେରା ହେଲେ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଖଡ଼ଗପ୍ରସାଦ ଅଞ୍ଚଳର ବାବୁ ଓରଫ ଦିବ୍ୟରଞ୍ଜନ ସାହୁ(୨୬) ଓ ପପୁ ଓରଫ ପ୍ରଦ୍ୟୁମ୍ନ ବେହେରା(୨୬)। ସେମାନଙ୍କ ନିକଟରୁ ୪ଟି ବାଇକ୍ (ନଂ. ଓଆର୧୯ଏ-୫୦୪୯, ଓଆର୧୯କେ-୬୦୩୭, ଓଆର୧୯ଏଲ-୮୮୫୪ ଓ ଓଆର୦୫ଏସି-୧୦୨୨) ଜବତ କରାଯାଇଛି। ଜବତ ବାଇକ୍ ମଧ୍ୟରୁ ୨ଟି ଅନୁଗୋଳ ଥାନା ଅଞ୍ଚଳର ହୋଇଥିବାବେଳେ ଆଉ ୨ଟି ଅନ୍ୟ ଥାନା ଅଞ୍ଚଳରୁ ଚୋରି ହୋଇଥିଲା। ଗାଡ଼ି ଚୋରି ସମ୍ପର୍କରେ ଅନୁଗୋଳ ଥାନାରେ ସୁଧୀର ବିଶ୍ୱାଳ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୪୧୦/୨୧ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଜିଲା ବାହାରର ଲୁଟେରାମାନେ ବାଇକ୍ ଚୋରି କରୁଥିବା ନେଇ ସୂଚନା ମିଳିବା ପରେ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ ଦୁଇ ଲୁଟେରାଙ୍କ ନିକଟରେ ପହଞ୍ଚିଥିଲେ। ସମ୍ପୃକ୍ତ ଲୁଟେରାମାନେ ଖଡ଼ଗପ୍ରସାଦରୁ ଗୋଟିଏ ମୋଟରସାଇକେଲରେ ଅନୁଗୋଳ ଆସିଥାନ୍ତି। ବେଳେବେଳେ ବସ୍‌ରେ ସହରରେ ବୁଲି ଜନଗହଳପୂର୍ଣ୍ଣ ସ୍ଥାନରୁ ଛୋଟ ଗାଡ଼ିକୁ ଟାର୍ଗେଟ୍ କରିଥାନ୍ତି। ଯେଉଁ ଗାଡ଼ିର ଲକ୍ ସହଜରେ ଖୋଲିଯିବ, ତାହାକୁ ଧରି ଚମ୍ପଟ ମାରିଥାନ୍ତି ବୋଲି ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

## ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ହୁଅ

**ପାଲଲହଡ଼ା,୧୧।୮(ଡି.ଏନ.ଏ.)**

### ପାଲଲହଡ଼ାରେ ବିଜେଡି କାର୍ଯ୍ୟକାରିଣୀ ବୈଠକ

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକସ୍ଥିତ ଶରତଚନ୍ଦ୍ର କ୍ଲବଠାରେ ବିଜେଡି ପକ୍ଷରୁ ବୁଧବାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ସଭାପତି ଗଙ୍ଗାଧର ଜିତ୍ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ସମସ୍ତ ପଦବୀ ଅକ୍ତିଆର କରିବା ପାଇଁ ପ୍ରସ୍ତୁତ ହେବାକୁ କର୍ମୀମାନଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଲୋକଙ୍କ ସମସ୍ୟାରେ ସାମିଲ ରହିବାକୁ ପରାମର୍ଶ ଦେଇଥିଲେ। ସମସ୍ତେ ମିଳିମିଶି କାମ କଲେ ବିରୋଧୀଙ୍କ ଯୋଜନା ପଣ୍ଡ ହେବ ବୋଲି ଏମ୍‌ପି ସାହୁ ପ୍ରକାଶ କରିଥିଲେ। ପାଲଲହଡ଼ା ବିଧାୟକ ପାଲ ଦଳ ବିରୋଧୀଙ୍କ କୌଣସି ସ୍ଥାନ ଦଳରେ ନାହିଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ପାଲଲହଡ଼ା ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ, ଜିଲା ବିଜେଡି ଉପସଭାପତି ନରେନ୍ଦ୍ର ଭୁକ୍ତା, ବ୍ଲକ ସମ୍ପାଦକ ସୁଶୀଲ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସମିତି ସଭ୍ୟ ଦିଲୀପ କୁମାର ଉଦାବଳ, ସବ୍ୟସାଚୀ କପରଦାର, ପ୍ରଶାନ୍ତ ସାମଲ, ବିକାଶ ପ୍ରଧାନ, ପ୍ରତାପ ସାମଲ, ପ୍ରହ୍ଲାଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକାରିଣୀରେ ୨୭ ପଞ୍ଚାୟତର ୩୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।





ବିଜେଡି କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଅତିଥିମାନେ।

## ପାର୍କରୁ ଚୋରି ଉଦ୍ୟମ, ଜଣେ ଗିରଫ



**ଅନୁଗୋଳ ଅଫିସ, ୧୧।୮**

ଅନୁଗୋଳ ସହରସ୍ଥିତ ଗୋପବନ୍ଧୁ ପାର୍କରେ ଲାଗିଥିବା ପାଣି ମଟର ଚୋରି ଉଦ୍ୟମ ଅଭିଯୋଗରେ ପୋଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ନଂ. ୪୧୨/୨୧ରେ ମାମଲା ରୁଜୁ କରି ହୁଲୁରିସିଂହା ଘାସିସାହିର ବିକ୍ରମ ବେହେରା(୪୦)ଙ୍କୁ ଗିରଫ କରିଛି। ଅଭିଯୁକ୍ତ ବିକ୍ରମ ଅନୁଗୋଳ ପୌରପାଳିକାରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ରାତିରେ ସେ ଗୋପବନ୍ଧୁ ପାର୍କରୁ ପାଣି ମଟର ଚୋରି କରୁଥିବା ବେଳେ ପାଟ୍ରୋଲିଂ କରୁଥିବା ଏସ୍‌ଆଇ ପ୍ରଶାନ୍ତ ପ୍ରଧାନ ସନ୍ଦେହ କରି ତାଙ୍କୁ ଡାକି ପଚରା ଉଚରା କରିଥିଲେ। ପରେ ତାଙ୍କ ନିକଟରୁ ଏକ ପାଣି ମଟର ଜବତ ମଧ୍ୟ କରାଯାଇଥି ଅନୁଗୋଳ ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଆଜି କଣ କେଉଁଠି

**ବଅଁରପାଳ**
ରକ୍ତଦାନ ଶିବିର
ସ୍ଥାନ: ବଅଁରପାଳ ଥାନା ପରିସର
ସମୟ: ପୂର୍ବାହ୍ନ ୮ଟା।

## ସଂକ୍ଷେପରେ

### ସିଏସ୍ଆଇ କୋର୍ଟ କାର୍ଯ୍ୟାଳୟ ତାଲା ଖୋଲିଲା

**ଢେଙ୍କାନାଳ ଅଫିସ, ୧୧।୮:** ଢେଙ୍କାନାଳ ଜିଲା ଓକିଲ ସଂଘର ୨ ସଦସ୍ୟଙ୍କ ନାମରେ ଟାଉନ ଥାନାରେ ରୁଜୁ କରାଯାଇଥିବା ମାମଲା ପ୍ରତିବାଦରେ ଆଇନଜୀବୀମାନେ କୋର୍ଟ ବର୍ଜନ କରିଛନ୍ତି। ଏଥିସହିତ ସିଏସ୍ଆଇ କୋର୍ଟ କାର୍ଯ୍ୟାଳୟରେ ତାଲା ପକାଯାଇଥିଲା। ଏସ୍ପିଙ୍କ ସହିତ ଆଲୋଚନା ପରେ ବୁଧବାର ଓକିଲ ସଂଘର ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ସିଏସ୍ଆଇ କୋର୍ଟ କାର୍ଯ୍ୟାଳୟ ଖୋଲାଯାଇଛି। ତେବେ ଦାବି ପୂରଣ ନ ହେବା ଯାଏ କୋର୍ଟ ବର୍ଜନ ଜାରି ରହିବ। ଅଭିଯୋଗକାରିଣୀ ଟାଉନ ଥାନାଧିକାରୀଙ୍କ ସମେତ କୌଣସି କର୍ମଚାରୀ ଏବଂ ସେମାନଙ୍କ ଯାନବାହନ କୋର୍ଟ ପରିସରକୁ ଛଡ଼ାଯିବ ନାହିଁ। ସିଏସ୍ଆଇ କୋର୍ଟ କାର୍ଯ୍ୟାଳୟ ପକ୍ଷରୁ ରୁଜୁ ହୋଇଥିବା ମାମଲାର ଅଭିଯୋଗକାରୀଙ୍କୁ ମଧ ଆସିବାକୁ ଦିଆଯିବନାହିଁ। ଏ ସଂକ୍ରାନ୍ତରେ ଏସ୍ପିଙ୍କୁ ଅବଗତ କରାଯାଇଥିବା ଜିଲା ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି।

### ଆଇନ ସଚେତନତା ଶିବିର

**ଢେଙ୍କାନାଳ ଅଫିସ, ୧୧।୮:** ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୁଧବାର ଭର୍ଚୁଆଲ ମୋଡ୍ରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଜିଲା ଜଜ୍ ତଥା ପ୍ରାଧିକରଣ ଅଧକ୍ଷ ଶରତ କୁମାର ଦେହୁରୀଙ୍କ ନିର୍ଦ୍ଦେଶରେ ଆୟୋଜିତ ଶିବିରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଜନମଙ୍ଗଳ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା ଅଧିକାର କ୍ଷୁଣ୍ଣ ହେଲେ ଜଣେ କିପରି ଆଇନର ସହାୟତା ନେଇପାରିବେ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଶ୍ରମ ଅଧିକାରୀ ସତ୍ୟ ଆଚାର୍ଯ୍ୟ ସଙ୍ଗଠିତ ଓ ଅଣସଙ୍ଗଠିତ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ବିକାଶମୂଳକ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ, ଭୋଟର ପରିଚୟପତ୍ର, ଆଧାର କାର୍ଡ଼ କିପରି ସହଜରେ ମିଳିପାରିବ ସେ ସମ୍ପର୍କରେ ଗଁଦିଆ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଶ୍ୟାମସୁନ୍ଦର ସେଠୀ ଅବଗତ କରାଇଥିଲେ। ଗଁଦିଆ ବ୍ଲକ ମଙ୍ଗଳ ଅଧିକାରୀ ସଚ୍ଚିଦାନନ୍ଦ ପୁଷ୍ଟି ଉପସ୍ଥିତ ଥିଲେ।

### ୧୬ ଆକ୍ରାନ୍ତ, ୨ ମୃତ

**ଢେଙ୍କାନାଳ ଅଫିସ,୧୧।୮:** ଢେଙ୍କାନାଳ ଜିଲାରୁ ଗତ ୨୪ ଘଣ୍ଟା ମଧରେ ୧୬ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨୭ ଜଣ ଆରୋଗ୍ୟ ଲାଭ କରିଛନ୍ତି। ସେହିପରି ୨ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିବା ପରେ ଜିଲାରେ ମୋଟ କୋଭିଡ୍ଜନିତ ମୃତ୍ୟୁସଂଖ୍ୟା ୧୩୪ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧରେ ହିନ୍ଦୋଳ ବ୍ଲକର ୫, ଢେଙ୍କାନାଳ ପୌରାଞ୍ଚଳର ୪, ପରଜଙ୍ଗ ବ୍ଲକର ୨, ସଦର ବ୍ଲକର ୨, ଓଡ଼ାପଡ଼ା ବ୍ଲକର ୨ ଏବଂ ଅନ୍ୟ ଚିକିତ୍ସାଳୟର ଜଣେ ରହିଛନ୍ତି। ଏବେ ଜିଲାରେ ମୋଟ ୧୬୮ ସକ୍ରିୟ ମାମଲା ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାରେ ଅଦ୍ୟାବଧି ୪,୦୧,୧୫୯ ସ୍ୱାବ ପରୀକ୍ଷା ହେଲାଣି। ତନ୍ମଧ୍ୟରୁ ୧୯ ହଜାର ୨୩୧ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୮ ହଜାର୯୨୯ ଜଣ ସୁସ୍ଥ ହୋଇସାରିଲେଣି।

### ଉପଜିଲାପାଳଙ୍କୁ ଦାବିପତ୍ର



**ହିନ୍ଦୋଳ,୧୧।୮(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଓକିଲ ସଂଘ ସଭାପତି ଏବଂ ଅନ୍ୟ ଜଣେ ସଦସ୍ୟଙ୍କୁ ପୋଲିସର ଦୁର୍ବ୍ୟବହାର ପ୍ରତିବାଦରେ ହିନ୍ଦୋଳ ଆଇନଜୀବୀ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ବୁଧବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ପ୍ରକାଶ ଦାସଙ୍କ ନେତୃତ୍ୱରେ ଆଇନଜୀବୀମାନେ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ସହିତ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।

---

ଗରିବ ମଣିଷ ଛୁଆଟେ ଛେଉଣ୍ଡ ହୋଇଗଲେ ତା' ପାଇଁ ଝରିପଡ଼େ ଅନେକ ଦରଦ। ଆହା କରନ୍ତି ସହୃଦୟ ବ୍ୟକ୍ତି। ବଢ଼ାନ୍ତି ସହାୟତାର ହାତ। ଆବଶ୍ୟକ ପଡ଼ିଲେ ପ୍ରଶାସନ କରାଏ ସମ୍ପୃକ୍ତ ଶିଶୁର ଥଇଥାନ ବ୍ୟବସ୍ଥା । ସଂଘବଦ୍ଧ ଜୀବନ ବିତାଇବାକୁ ଭଲପାଉଥିବା ହାତୀ ଭଳି ବିଶାଳକାୟ ପ୍ରାଣୀଙ୍କ କ୍ଷେତ୍ରରେ ମଧ ଏଭଳି ସମସ୍ୟା ଉପୁଜେ। କୌଣସି କାରଣରୁ ପଲରୁ ଅଲଗା ହୋଇଗଲେ ଅଥବା ମା' ଦ୍ୱାରା ପରିତ୍ୟକ୍ତ ହୋଇପଡ଼ିଲେ ହାତୀ ଶାବକକୁ ବଞ୍ଚାଇ ରଖିବା ବନ ବିଭାଗ ପାଇଁ ପାଲଟେ ଆହ୍ୱାନ। ଏଭଳି ସମୟରେ 'ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟର' ସାଜେ ହାତୀ ଶାବକଙ୍କ ଥଇଥାନ କେନ୍ଦ୍ର। ହାତୀଙ୍କ ସୁରକ୍ଷା ଲାଗି ଗୁରୁବାର ବିଶ୍ୱ ହସ୍ତୀ ଦିବସ ପାଳନ କରାଯାଉଥିବାବେଳେ ଅନାଥ ହାତୀଙ୍କ ଅଭୟ ଗୃହ ଭାବେ ଖ୍ୟାତି ଅର୍ଜନ କରିଥିବା କପିଳାସ ଜୁ'ର 'ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟର'କୁ ନେଇ ବିଶେଷ ପ୍ରସ୍ତୁତି...




## କପିଳାସ ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟର

# ଅନାଥ ହାତୀଙ୍କ ଅଭୟଗୃହ

(ରତନ ନାୟାର)
**ଢେଙ୍କାନାଳ ଅଫିସ, ୧୧।୮**

ରାଜ୍ୟର ଅନ୍ୟତମ ହସ୍ତୀ ଅଭୟାରଣ୍ୟ ଚନ୍ଦକା ପରେ ଢେଙ୍କାନାଳ ଜିଲା କପିଳାସ ଚିଡ଼ିଆଖାନା ପରିସରରେ ରହିଛି ଦ୍ୱିତୀୟ ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟର। ୨୦୦୭ରୁ ଆରମ୍ଭ ହୋଇଥିବା ଏହି କେନ୍ଦ୍ର ଏବେ ପାଲଟିଛି ଅସୁସ୍ଥ, ଅନାଥ ହାତୀ ଶାବକଙ୍କ ନିରାପଦ ଆଶ୍ରୟସ୍ଥଳ। ସଂରକ୍ଷିତ ଜଙ୍ଗଲରେ ପଲରୁ ଅଲଗା ହୋଇପଡ଼ିଥିବା କିମ୍ବା ଅସୁସ୍ଥ ଅବସ୍ଥାରେ ଠାବ କରାଯାଇଥିବା ଛୁଆହାତୀକୁ ଏଠାରେ ରଖି ଯତ୍ନ ନିଆଯାଏ। ଏଥିଲାଗି ତାଲିମପ୍ରାପ୍ତ ମାହୁନ୍ତ, କେୟାରଟେକର, ବନ କର୍ମଚାରୀ ନିୟୋଜିତ ଅଛନ୍ତି।

କପିଳାସ ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରରେ ଏବେ ୪ ହାତୀ ଅଛନ୍ତି। ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନଙ୍କ ନାମକରଣ କରାଯାଇଛି। କଟକ ଜିଲା ଆଠଗଡ଼ ବନଖଣ୍ଡରୁ ୨୦୧୦ ଜୁଲାଇ ୭ରେ ଏଠାକୁ ଉଦ୍ଧାର ହୋଇ ଆସିଥିଲା ହାତୀ ଶାବକ 'କାର୍ତ୍ତିକ'। ସେହିପରି ୨୦୧୧ ଡିସେମ୍ବର ୨୪ରେ ବରଗଡ଼ ଡିଭିଜନରୁ 'ଚନ୍ଦୁ', ୨୦୧୨ ସେପ୍ଟେମ୍ବର ୪ରେ ଢେଙ୍କାନାଳ ଜିଲା ଷଡ଼ଙ୍ଗୀ ରେଞ୍ଜରୁ 'ଉମା', ୨୦୧୮ରେ ସମ୍ବଲପୁର ଜିଲା ବାମରା ସଂରକ୍ଷିତ ଜଙ୍ଗଲରୁ 'ହିରୋ' ଏବଂ ୨୦୨୦ ଡିସେମ୍ବର ୩୧ରେ ଗଞ୍ଜାମ ଜିଲା ବ୍ରହ୍ମପୁର ଡିଭିଜନର ଏକ ଚିଙ୍ଗୁଡ଼ି ଘେରିରୁ 'ପଦ୍ମା'କୁ ଉଦ୍ଧାର କରି ଅଣାଯାଇଥିଲା।

ଏମାନଙ୍କ ଭିତରେ ଅଧିକାଂଶ ବର୍ଷକରୁ ୨ ବର୍ଷର ହୋଇଥିବାବେଳେ ମା' ଦ୍ୱାରା ପରିତ୍ୟକ୍ତ ହୋଇ ଅସହାୟ ଅବସ୍ଥାରେ ଘୂରି ବୁଲୁଥିଲେ। ରେସ୍କ୍ୟୁ ସେଣ୍ଟର ଇତିହାସରେ ଅସୁସ୍ଥତା କାରଣରୁ ଅଦ୍ୟାବଧି 'ହିରୋ' ସମେତ ଅନ୍ୟ ୪ହାତୀଙ୍କ ମୃତ୍ୟୁ ଘଟିଛି। ଏମାନଙ୍କୁ ବାଦ୍ଦେଲେ ତାଳଚେର ଅଞ୍ଚଳରେ ଉପଦ୍ରବ କରୁଥିବା ନରହନ୍ତା ଦନ୍ତା 'ରାକେଶ'କୁ ୨୦୧୯ ଜାନୁୟାରୀ ୨୨ରେ ଟ୍ରାଙ୍କୁଲାଇଜ୍ କରି ରେସ୍କ୍ୟୁ ସେଣ୍ଟରକୁ ଅଣାଯାଇଥିଲା। ଏକ ସ୍ୱତନ୍ତ୍ର ବ୍ୟାରିକେଡ୍ରେ ମଧରେ ସେ ଏବେ ବିଚରଣ କରୁଛି।

ରେସ୍କ୍ୟୁ ସେଣ୍ଟରରେ ହାତୀଙ୍କ ଯତ୍ନ ନେବାକୁ ୪ ମାହୁନ୍ତଙ୍କୁ ନିୟୋଜିତ ଅଛନ୍ତି। ଉଦ୍ଧାର ହାତୀଙ୍କୁ ତାଲିମ ଦେବାକୁ ଆସାମରୁ ତାଲିମପ୍ରାପ୍ତ ମାହୁନ୍ତ ଆସିଛନ୍ତି। ଦୀର୍ଘଦିନର ରହଣି ମଧରେ ସେମାନେ ପାଲଟିଯାଇଛନ୍ତି ହାତୀଙ୍କ ସୁଖଦୁଃଖର ସାଥୀ। ପ୍ରଶିକ୍ଷଣ ପରେ ହାତୀ ଭଳି ବନ୍ୟଜନ୍ତୁ ମାହୁନ୍ତଙ୍କ ବୋଲ ମାନି କରୁଛନ୍ତି ପର୍ଯ୍ୟଟକଙ୍କ ମନୋରଞ୍ଜନ। ଦୁଇମାସ ତଳେ ଛୁଆ ହାତୀ 'ହିରୋ'ର ଆକସ୍ମିକ ମୃତ୍ୟୁ ପରେ ଏହାର ଯତ୍ନ ନେଉଥିବା ମାହୁନ୍ତ ଦୀପୁ ଭାଙ୍ଗି ପଡ଼ିଥିଲେ, ଯାହା ହାତୀ-ମଣିଷ ଭିତରେ ଥିବା ମଧୁର ସମ୍ପର୍କକୁ ବଖାଣିଥିଲା। କପିଳାସ ରେସ୍କ୍ୟୁ ସେଣ୍ଟରର ଆବଶ୍ୟକତା ବଢୁଥିବାରୁ ଏହାର ପରିସରକୁ ଅଧିକ ବ୍ୟାପକ କରିବାକୁ ବନ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି।

### ପରିସର ବ୍ୟାପକ କରାଯାଉ



କପିଳାସ ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରରେ ଥିବା ୪ ହାତୀଙ୍କ ଉତ୍ତମ ଯତ୍ନ ନିଆଯାଉଛି। ଏହାର ପରିସର ବ୍ୟାପକ କରାଗଲେ ଅଧିକ ହାତୀ ଛୁଆ ରହିପାରନ୍ତେ। ଫଳରେ ଭବିଷ୍ୟତରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଉଦ୍ଧାର ହୋଇ ଆସୁଥିବା ହାତୀ ଶାବକଙ୍କୁ ରଖିବାରେ ସୁବିଧା ହୁଅନ୍ତା।

-ପ୍ରଦ୍ୟୁମ୍ନ ରଥ, ପରିବେଶବିତ୍

### ଉନ୍ନତ ତାଲିମ ବ୍ୟବସ୍ଥା ହେଉ



କପିଳାସ ହାତୀ ରେସ୍କ୍ୟୁ ସେଣ୍ଟରରେ ହାତୀଙ୍କୁ ଉନ୍ନତମାନର ତାଲିମ ପ୍ରଦାନ ବ୍ୟବସ୍ଥା କରାଯିବା ଉଚିତ। ଜଳକ୍ରୀଡ଼ା ଏବଂ ବଲ୍ ଖେଳିବା ଲାଗି ପ୍ରଶିକ୍ଷଣ ଦିଆଗଲେ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ମନୋରଞ୍ଜନ ହୋଇପାରିବ ଏବଂ ଏହି କେନ୍ଦ୍ର ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ।

-ସୌମ୍ୟବ୍ରତ ସାହୁ, ସାମାଜିକ କର୍ମୀ

### ଏକାଧିକ ପ୍ରସ୍ତାବ ରହିଛି



ପୂର୍ବରୁ ପ୍ରାଣୀ ଉଦ୍ୟାନ ସମେତ ହାତୀ ରେସ୍କ୍ୟୁ ସେଣ୍ଟର ଲାଗି ସ୍ୱତନ୍ତ୍ର ଭାବେ ଡାକ୍ତର ନ ଥିଲେ। ନିକଟରେ ଜଣେ ଡାକ୍ତରଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ରେସ୍କ୍ୟୁ ସେଣ୍ଟର ପରିସରକୁ ଅଧିକ ବ୍ୟାପକ କରିବାକୁ ରାଜ୍ୟ ସରକାରଙ୍କୁ ଏକାଧିକ ପ୍ରସ୍ତାବ ଦିଆଯାଇଛି। ପ୍ରସ୍ତାବ ଅନୁମୋଦିତ ହୋଇ ଆସିଲେ କାର୍ଯ୍ୟକ୍ଷମ କରାଯିବ।

-ଡ. ପ୍ରକାଶଚାନ୍ଦ ଗୋଗିନେନି, ଡିଏଫ୍ଓ

---

# ମ୍ୟାଲେରିଆ ରୋକିବ 'ଦମନ'



'ଦମନ' ସଚେତନତା ଶିବିରରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୧।୮**

- ହିନ୍ଦୋଳ ବ୍ଲକରେ ୨ ଦିନିଆ ଅଭିଯାନ
- ୨୪୦ ନମୁନା ପରୀକ୍ଷଣ, ଜଣେ ରୋଗୀ ଚିହ୍ନଟ

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକର ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ ଅଭିଯାନ କାର୍ଯ୍ୟକ୍ରମ 'ଦମନ'ର ଶୁଭାରମ୍ଭ ହୋଇଛି। ତଦନୁଯାୟୀ ଖରମୂଳ, ତଳଗଣ୍ଡା, ଗୁଡିଆତଇଳା, କରାବୀରା ଗ୍ରାମରେ ଦୁଇଦିନ ଧରି ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେବ। ଲୋକଙ୍କୁ ସଂକ୍ରାମକ ଜ୍ୱରର କାରଣ, ନିରାକରଣ ସମ୍ପର୍କରେ ସଚେତନ କରାଯିବା ସହ ରକ୍ତ ନମୁନାର ପରୀକ୍ଷଣ କରାଯିବ। ଖରମୂଳ ଗ୍ରାମରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ, ଏସ୍ଏସ୍ ରହିମ୍ ଉପସ୍ଥିତ ଥିଲେ। ମୋଟ ୧୦୩ ଜଣଙ୍କ ରକ୍ତ ନମୁନା ପରୀକ୍ଷଣ କରାଯାଇଥିବାବେଳେ ଜଣଙ୍କଠାରେ ମ୍ୟାଲେରିଆ ଭୂତାଣୁ ଚିହ୍ନଟ ହୋଇଛି। ରୋଗୀଙ୍କୁ ମ୍ୟାଲେରିଆ ଡୋଜ୍ ପ୍ରଦାନ କରାଯାଇଥିଲା। ସେହିପରି କରାବୀରା ଗ୍ରାମରେ ଅନୁଷ୍ଠିତ ଶିବିରରେ ୧୩୭ ନମୁନା ମଧ୍ୟରୁ କେହି ରୋଗୀ ଚିହ୍ନଟ ହୋଇ ନ ଥିବା ଜଣାପଡ଼ିଛି। ଏହି ଉପଲକ୍ଷେ ଘରଘର ବୁଲି ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ଔଷଧ ଉପଚାରିତ ମଶାରି ବ୍ୟବହାର ସମ୍ପର୍କରେ ବୁଝାଯାଇଥିଲା। ଘର ପାଖରେ ପାଣି ଜମିବାକୁ ନ ଦେବା, ଜ୍ୱର ହେଲେ ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଖାନାରେ ରକ୍ତ ପରୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ୨୦୧୭ରୁ ଢେଙ୍କାନାଳ ଜିଲାର ଦୁର୍ଗମ ଅଞ୍ଚଳରେ 'ଦମନ' ଅଭିଯାନ ଆରମ୍ଭ ହୋଇଛି। ତଦନୁଯାୟୀ ମ୍ୟାଲେରିଆ ଚିହ୍ନଟ, ହିମୋଗ୍ଲୋବିନ ପରୀକ୍ଷା, ରକ୍ତଚାପ, ଓଜନ ମାପ କରାଯାଉଛି।

ଏହି ଅବସରରେ ଅଧିକାରୀମାନେ ରାସୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ହିନ୍ଦୋଳ ସ୍ୱାସ୍ଥ୍ୟକେନ୍ଦ୍ରର ମ୍ୟାଲେରିଆ ଲାବୋରେଟୋରି ବୁଲି ଦେଖିଥିଲେ। ମ୍ୟାଲେରିଆ ପରିଦର୍ଶକ ସୁନୀଲ ମହାପାତ୍ର, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ ଜେନା, ମମତା ସାହୁ, ମୋହନ ଭୋଇ, ସୁଧାକର ପ୍ରଧାନ, ସବିତା ସେଠୀ, ସ୍ୱାସ୍ଥ୍ୟକର୍ମୀ ଚିନା ପ୍ରଧାନ, ଆଶାକର୍ମୀ ବିନୋଦିନୀ ବେହେରା, ଅଙ୍ଗନୱାଡି କର୍ମୀ ରୀତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ପାଇଁ ୩ ଘଣ୍ଟା କଲବଲ

**ଅନୁଗୋଳ ଅଫିସ, ୧୧।୮**

ଅନୁଗୋଳ ସହରରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ ଏବେ ନିତିଦିନିଆ ଘଟଣା ହୋଇଗଲାଣି। ଆକାଶରେ ବର୍ଷା ଦେଖାଦେବା ମାତ୍ରେ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଉଛି। ଏ ନେଇ ଅଭିଯୋଗ କଲେ ମରାମତି ନିମନ୍ତେ ପାୱାର କଟ୍ ହେଉଥିବା ବିଭାଗ ପକ୍ଷରୁ ସଫେଇ ଦିଆଯାଉଛି। ବୁଧବାର ଏପରି ବିଦ୍ୟୁତ୍ କାଟ୍କୁ ନେଇ ସହରବାସୀ ଦୀର୍ଘ ୩ ଘଣ୍ଟା ଧରି କଲବଲ ହୋଇଥିଲେ। ଟାଣ ଖରା ଯୋଗୁ ଲୋକେ ଗରମରେ ଅଥୟ ହେଉଥିବାବେଳେ ଅପରାହ୍ନ ୧ଟା ୩୫ରୁ ୪ଟା ୨୫ ପର୍ଯ୍ୟନ୍ତ ସହରରେ ବିଜୁଳି ନ ଥିଲା। ସହରରେ ଅଧିକାଂଶ ସମୟ ଏଭଳି ସମସ୍ୟା ଉପୁଜୁଛି। ଆଗାମୀ ଦିନରେ ଏପରି ଅଘୋଷିତ ବିଜୁଳି କାଟ କରାଗଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସହରବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଅନୁଗୋଳ ଓପିଟିସିଏଲ୍ ଗ୍ରୀଡ୍ରେ ୧୩୨/୩୩ କେଭିରେ ସମସ୍ୟା ଥିବାରୁ ବିଜୁଳି କଟିଥିଲା। ମରାମତି ସରିବା ପରେ ତୁରନ୍ତ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଛି।

# ହିନ୍ଦୋଳରେ ହେବ ଇନ୍ଡୋର ଷ୍ଟାଡିୟମ

**ହିନ୍ଦୋଳ, ୧୧।୮(ଡି.ଏନ.ଏ.)**

ରାଜ୍ୟରେ କ୍ରୀଡ଼ାର ବିକାଶ ଲାଗି ସହରାଞ୍ଚଳରେ ନିର୍ମାଣ କରାଯିବ ୮୯ଟି ବିଜୁ ପଟ୍ଟନାୟକ ଇନ୍ଡୋର ଷ୍ଟାଡିୟମ। ଏଥିରେ ସାମିଲ ହୋଇଛି ହିନ୍ଦୋଳ ଏନ୍ଏସି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ଅଞ୍ଚଳବାସୀ ସ୍ୱାଗତ କରିଥିବାବେଳେ ଏଥିଲାଗି ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ବୁଧବାର ହିନ୍ଦୋଳ ବାଳିକା ହାଇସ୍କୁଲରେ ଆୟୋଜିତ ଏ ସଂକ୍ରାନ୍ତ ଏକ କାର୍ଯ୍ୟକ୍ରମରେ ଜିଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ, ବିଧାୟିକା ସୀମାରାଣୀ ନାୟକ, ବ୍ଲକ ଅଧକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ଏନଏସି ଅଧକ୍ଷା ରୀନା ବେହେରା ପ୍ରମୁଖ ଯୋଗଦେଇ ଯୁବ କ୍ରୀଡ଼ାବିତ୍ଙ୍କୁ କ୍ରୀଡ଼ା ଉପକରଣ ବଣ୍ଟନ କରିଥିଲେ। ବ୍ଲକ ବିଜେଡି ସଭାପତି ବରୁଣ ସର, ଏନ୍ଏସି ସଭାପତି ଗୋବିନ୍ଦ ବେହେରା, ପ୍ରଶାନ୍ତ ସର, ମୁନା ସାମନ୍ତ, ହିମାଂଶୁ ମିଶ୍ର ପ୍ରମୁଖ ବହୁ କର୍ମୀ ଏବଂ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ବିଧାୟିକାଙ୍କ ସମେତ ବିଜେଡି ନେତୃବୃନ୍ଦ।

# 'ଲକ୍ଷ୍ୟସ୍ଥଳରୁ ବିଚ୍ୟୁତ ନ ହୋଇ ପାଠପଢ଼'

**ଢେଙ୍କାନାଳ ଅଫିସ,୧୧।୮**

ଢେଙ୍କାନାଳ ସାଇକୃପା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏମ୍ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍ବୋଧନ ଦେଇ କହିଲେ, ମନକୁ ସ୍ଥିର ରଖି ଲକ୍ଷ୍ୟସ୍ଥଳରୁ ବିଚ୍ୟୁତ ନ ହୋଇ ଛାତ୍ରୀଛାତ୍ର ପାଠପଢ଼ିବା ଉଚିତ। ପିତାମାତାଙ୍କ ସ୍ୱପ୍ନ ସାକାର କରିପାରିଲେ ଶିକ୍ଷାର ପ୍ରକୃତ ମୂଲ୍ୟ ମିଳିବ। ଭଲ ମଣିଷ ହୋଇ ଦେଶସେବାରେ ବ୍ରତୀ ହେଲେ ଗୌରବ ମିଳିବ ବୋଲି ଏମ୍ପି ମାର୍ଗଦର୍ଶନ କରିଥିଲେ। ଏହିଅବସରରେ ଯୁକ୍ତ୨ ବିଜ୍ଞାନ ବିଭାଗରେ ଅବିଭକ୍ତ ଢେଙ୍କାନାଳ ଜିଲାରେ ସର୍ବାଧିକ ନମ୍ବର ରଖି ସୁନାମ ଅର୍ଜନ କରିଥିବା ଶିକ୍ଷାନୁଷ୍ଠାନର ଛାତ୍ରୀ ଅନିନ୍ଦିତା ମହାନ୍ତିଙ୍କୁ ଏମ୍ପି ସମ୍ବର୍ଦ୍ଧିତ କରିଥିଲେ।

କଲେଜ ଚେୟାରମ୍ୟାନ ଅନନ୍ଦା କୁମାର ମହାନ୍ତି, ପୂର୍ବତନ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ ମହାନ୍ତି, ପୂର୍ବତନ ନଗରପାଳ ଇନ୍ଦ୍ରମଣି ବେହେରା, ପ୍ରତାପ ଦାସ, ରୁଦ୍ରାନ୍ତ ଦଳେଇ, ପପୁ ମହାନ୍ତି, କୈଳାସ ନାୟକ, ସଦାଶିବ ମହାପାତ୍ର, ଦୁଷ୍ମନ୍ତ ମହାନ୍ତି, ମହେନ୍ଦ୍ର ସାହୁ, ଶିଖର ସାହୁ, ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଧକ୍ଷ ଡ. ତୁଷାର କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।



ଏମ୍ପି ମହେଶ ସାହୁ ଅନିନ୍ଦିତା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ବାଲ୍ୟବିବାହ ମୁକ୍ତ ହେବ ଢେଙ୍କାନାଳ

**ଢେଙ୍କାନାଳ ଅଫିସ, ୧୧।୮**



ବୈଠକରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ସ୍ୱେଚ୍ଛାସେବୀମାନେ।

- ଟାକ୍ସ ଫୋର୍ସ ବୈଠକରେ ନିଷ୍ପତ୍ତି
- ଖୁବ୍ଶୀଘ୍ର ମିଳିତ କାର୍ଯ୍ୟଖସଡ଼ା

ବାଲ୍ୟବିବାହ ମୁକ୍ତ ହେବ ଢେଙ୍କାନାଳ ଜିଲା। କମ୍ ବୟସରେ ଝିଅପୁଅଙ୍କୁ ବିବାହ କରାଉଥିବା ନଜର ଆସିଲେ ଅଭିଭାବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବାଲ୍ୟ ବିବାହ ଯୋଗୁ ସୃଷ୍ଟି ହେଉଥିବା ସମସ୍ୟା ସମ୍ପର୍କରେ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରାଯିବ। ଏଥିଲାଗି ଖୁବ୍ଶୀଘ୍ର ମିଳିତ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯିବ ବୋଲି କହିଛନ୍ତି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା। ଜିଲା କାର୍ଯ୍ୟାଳୟ ସଦ୍ଭାବନା ଗୃହରେ ବାଲ୍ୟ ବିବାହ ରୋକିବା ଏବଂ କିଶୋରକିଶୋରୀଙ୍କ ଦକ୍ଷତା ବୃଦ୍ଧି ଲାଗି ମଙ୍ଗଳବାର ଅନୁଷ୍ଠିତ ଟାକ୍ସଫୋର୍ସ ବୈଠକରେ ଅଧକ୍ଷତା କରି ସେ ଏହି ସୂଚନା ଦେଇଛନ୍ତି।

ବାଲ୍ୟ ବିବାହ ରୋକିବା ଜିଲାରେ 'କଳ୍ପନା' ଅଭିଯାନ ଜାରି ରହିଛି। ଆଦିବାସୀ ପଡ଼ା ଗ୍ରାମଗୁଡ଼ିକରେ ଅଭିଯାନ ଆନୁକୂଲ୍ୟରେ ବାରମ୍ବାର ସଚେତନତା ସୃଷ୍ଟି କରିବା ଆବଶ୍ୟକ। ଏଥିଲାଗି ପ୍ରତିବର୍ଷ ମିଳିତ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରି ଏହାର ସଫଳ ରୂପାୟନ କରିବା ଲାଗି ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି।

ଜିଲା ଆଇନସେବା ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା, ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର, ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ, ଆକ୍ସନଏଡ୍ ଓ ୟୁନିସେଫ୍ ଜିଲା ସଂଯୋଜିକା ଅଙ୍ଗୁର ମିଶ୍ର, ରାଜ୍ୟ ସଂଯୋଜକ ଘାସିରାମ ପଣ୍ଡା ପ୍ରମୁଖ ଯୋଗଦେଇ ଜିଲାର ବାଲ୍ୟ ବିବାହ ମୁକ୍ତ ହୋଇଥିବା ଗ୍ରାମର ତାଲିକା ପ୍ରକାଶ, କିଶୋରଙ୍କୁ ରୋଜଗାରକ୍ଷମ କରାଇବା ଲାଗି ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ପ୍ରଦାନ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଗତ ୬ମାସରେ ବାଲ୍ୟ ବିବାହ ରୋକିବା ନେଇ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ଧନ୍ୟବାଦ ପ୍ରଦାନ କରିଥିଲେ।

